# Akashvani, Sambalpur

## SAMBALPURI NEWS EVENING BULLETIN

## 2 August 2026-7.02- 7.12 pm.

---

୧- ବିକଶିତ୍ ଭାରତ୍ ଗଠନ୍ ଲାଗି ଯୁବପିଢ଼ି ଶାରୀରିକ୍ ଭାବେ ସୁସ୍ଥ ଆଉ ମାନସିକ୍ ଭାବେ ବର୍‌କସ୍ ଥିବାର୍ ଆବଶ୍ୟକ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଆଏବା କାଏଲ୍ ଓଡ଼ିଶା ଗସ୍ତଥି ଆସୁଛନ୍ ରାଷ୍ଟ୍ରପତି ।

୩- ରାଏଜେ ବନ୍ୟା ପରିସ୍ଥିତିଥି ସୁଧାର୍: ୨୩ ଟା ଜିଲ୍ଲା ନ ବର୍ଷା ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସତର୍କ ସୂଚ୍‌ନା ।

ଆଉର୍

୪- ଆଏବା କାଏଲ୍ ଶ୍ରାବଣ୍ ମାସର୍ ପହେଲା ସୋମ୍‌ବାର୍ ।

- ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ପ୍ରଶାସନ୍ ତର୍‌ଫୁ କରାଯାଇଛେ ଖାସ୍ ବ୍ୟବସ୍ଥା ।

ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଯୁଆନ୍ ପିଢ଼ିଙ୍କୁ ନିଶା ଦରବ୍ ନୁ ଦୂରେ ରହିକରି ସୁସ୍ଥ ଜୀବନ୍‌ଶୈଲୀ ଅପ୍‌ନାବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ୍ ଦେଇଛନ୍ । ବିକଶିତ୍ ଭାରତ୍ ଗଠନ୍ ଲାଗି ଯୁଆନ୍ ପିଢ଼ିଙ୍କୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଦୃଢ଼ ଆଉ ଆତ୍ମବିଶ୍ୱାସ୍‌ଥି ପରିପୂର୍ଣ୍ଣ ହେବାର୍ ଆବଶ୍ୟକତା ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଜୋର୍ ଦେଇଛନ୍ । ଆଭାସୀ ଜରିଏ ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ନୂଆଦିଲ୍ଲୀ ନ 'ନିଶାମୁକ୍ତ ଯୁବ- ବିକଶିତ୍ ଭାରତ୍ ସଂକଳ୍ପ ଅଭିଯାନ୍'ର ଶୁଭାରମ୍ଭ କରିକରି ଯୁଆନ୍ ପିଢ଼ିକେ ନିଶାର୍ କୁପ୍ରଭାବ୍ ବାବ୍‌ଦେ ସଚେତନ୍ କରାବାର୍ ଲାଗି ଆଏଜ୍‌ଠାନୁ ଦେଶେ ଶହେ ହପ୍ତାତକ୍ ଜାତୀୟ ଜନଭାଗିଦାରୀ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ ବଲି ଶ୍ରୀ ମୋଦୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଇ ଅଭିଯାନ୍‌ଥି ଦେଶେ ଫି' ରଏବାର୍ ସାପ୍ତାହିକ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଭୁବ୍‌ନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ବିକଶିତ୍ ଭାରତ୍ ଲାଗି 'ନିଶା ମୁକ୍ତ ଯୁବ ଅଭିଯାନ୍' କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଭିଭାଷଣ୍ ସମିଆଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉପସ୍ଥିତ୍ ଥିଲେ ।

ଇ ଅବ୍‌ସରେ ରାଜ୍ୟପାଲ୍ ଉପସ୍ଥିତ୍ ଛାତ୍ରଛାତ୍ରୀମାନ୍‌କୁ 'ନିଶାମୁକ୍ତ ଯୁବ-ବିକଶିତ୍ ଭାରତ୍ ସଂକଳ୍ପ ଅଭିଯାନ୍'ର ଶପଥ୍ ପାଠ୍ କରେଇଥିଲେ । ଶ୍ରୀ କମ୍ଭମ୍‌ପାଟି ନିଶାମୁକ୍ତ ସମାଜ ଗଠନ୍ ଲାଗି ରାଷ୍ଟ୍ର ନିର୍ମାଣ୍‌ର କର୍ଣ୍ଣଧାର ଛାତ୍ରଛାତ୍ରୀ ମାନ୍‌କୁ କ୍ରୀଡ଼ା, ଫିଟ୍‌ନେସ୍, ଯୋଗ, ସଂସ୍କାର୍ ଆଉ ସମାଜ୍ ସେବାକେ ଗ୍ରହଣ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଯୁଆନ୍‌ବର୍ଗଙ୍କୁ ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଇ ଅଭିଯାନ୍ କେନ୍‌ସି ଗୁଟେ ଦିନର୍ କାର୍ଯ୍ୟକ୍ରମ୍ ନୁହେଁ, ଆଏବା ଶହେ ହପ୍ତାତକ୍ ଚାଲ୍‌ବାର୍‌କେ ଥିବା ଗୁଟେ ବ୍ୟାପକ୍ ସାମାଜିକ୍ ଜନ ଆନ୍ଦୋଳନ୍ ଆଏ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକେ ମୁଖ୍ୟମନ୍ତ୍ରୀ ପ୍ରଶଂସା

କରି କହିଛନ୍, ୨୦୪୭ ତକ୍ ବିକଶିତ୍ ଭାରତ୍ ଗଠନ୍ ଲାଗି ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ନିଶା ଦରବ୍‌ର ବେଆଇନ୍ କାର୍‌ବାର୍ ଆଉ ଇଥି ସାମିଲ୍ ସିଣ୍ଡିକେଟ୍‌ମାନ୍‌କୁ ପୁରା ନଷ୍ଟ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ନିଶା ମୁକ୍ତ ଯୁବ      ନୂଆପଡ଼ା / ବର୍‌ଗଡ଼୍ ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଡିଗ୍ରୀ ମହିଳା ମହାବିଦ୍ୟାଲୟ ପରିସର୍ ନ ଜାତୀୟ ସେବା ଯୋଜ୍‌ନା ମହିଳା ୟୁନିଟ୍ ତର୍‌ଫୁ 'ନିଶା ମୁକ୍ତ ଯୁବ' ବିକଶିତ୍ ଭାରତ୍ ସଂକଳ୍ପ ଅଭିଯାନ୍' ହେଇଯାଇଛେ । ଛାତ୍ରୀମାନେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ବିକଶିତ୍ ଭାରତ୍ ସଂକଳ୍ପକେ ସଫଲ୍ କର୍‌ବାର୍ ଲାଗି ଶପଥ୍ ପାଠ କରିଛନ୍ ।

ବର୍‌ଗଡ଼୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇକରି ଯୁବ ସମାଜ୍ ନିଶାନୁ ଦୂରେଇ ରହିକରି ସମାଜ୍ ଆଉ ଦେଶ୍ ଗଠନ୍‌ଥି ସକ୍ରିୟ ଭୂମିକା ନେବାର୍‌କେ ପରାମର୍ଶ ଦେଇଥିଲେ । ଇ ଅବ୍‌ସରେ ଶିକ୍ଷକ୍, ଶିକ୍ଷୟିତ୍ରୀ

ଆଉ ଛାତ୍ରଛାତ୍ରୀମାନେ ନିଶାମୁକ୍ତ ଭାରତ୍ ଗଠନ୍ ଲାଗି ସଂକଳ୍ପ ନେଇଥିଲେ ।

ରାଷ୍ଟ୍ରପତି- ଓଡ଼ିଶା ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍ଠାନୁ ୫ ତାରିଖ୍ତକ୍ ଓଡ଼ିଶା ଗସ୍ତଥି ଆସ୍ବେ । ରାଷ୍ଟ୍ରପତି ଆଏବା କାଏଲ୍ କଟକ୍ ନ ଜଗତ୍ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଉଦ୍ଘାଟନ୍ କର୍ବେ । ୪ ତାରିଖ୍ ଦିନ ରାଷ୍ଟ୍ରପତି ଭୁବ୍ନେଶ୍ୱର୍ନୁ ବ୍ରହ୍ମପୁର୍ତକ୍ ଟ୍ରେନ୍ଥି ଯିବେ ଆଉ ତପ୍ତପାଣି ନ ମା କନ୍ଧୁଣୀ ଦେବୀ ମନ୍ଦିର୍ ଆଉ ଶିବମନ୍ଦିର୍ ଦର୍ଶନ୍ ଆଉ ଆଲ୍ତୀ କର୍ବେ ।

ବିହାର୍ କ୍ରୀଡ଼ାମନ୍ତ୍ରୀ-ଓଡ଼ିଶା ଆର୍ଏନ୍ୟୁ/ ସମ୍ବଲପୁର

କ୍ରୀଡ଼ା କ୍ଷେତ୍ରଥି ଓଡ଼ିଶା ଆଉ ବିହାର୍ ମିଶିକରି କାମ୍ କର୍ବେ ବଲି ବିହାର୍ କ୍ରୀଡ଼ା ମନ୍ତ୍ରୀ ଶ୍ରେୟସୀ ସିଂ କହିଛନ୍ । ଭୁବନେଶ୍ୱର୍ ନ କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ଙ୍କର୍ ସାଙ୍ଗେ ୪ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ସୁଶ୍ରୀ ସିଂହ ଗୁଟେ

ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍‌ଥି ଆଲୋଚନା କରିଥିଲେ । ଦୁହି ରାଜ୍ୟ ଭିତ୍‌ରେ କ୍ରୀଡ଼ା କ୍ଷେତ୍ରଥି ସହଯୋଗ୍, ଖେଲାଲି ଆଦାନ୍ ପ୍ରଦାନ୍, କ୍ରୀଡ଼ା ବିଜ୍ଞାନ୍‌ର ବେଭାର୍, ଆଉ ତଲ୍‌ସ୍ତର୍ ନ ନୂଆଁ ପ୍ରତିଭା ଖୁଜ୍‌ବାର୍ ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଥିଲା । ଖେଲ୍ କ୍ଷେତ୍ରଥି ଓଡ଼ିଶାର୍ ଉଲ୍ଲେଖନୀୟ ଅଗ୍ରଗତି ସାରା ଦେଶ୍ ଲାଗିଗୁଟେ ପ୍ରେରଣା ବଲି ସୁଶ୍ରୀ ସିଂହ କହିଛନ୍ ।

ବନ୍ୟା-୧ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବନ୍ୟା ପରିସ୍ଥିତି ସୁଧ୍‌ରୁଛେ । ମହାନଦୀର୍ ଜଲ୍‌ସ୍ତର୍ କମୁଥିବାର୍ ବେଲେ ତଲିଆ ଇଲାକା ନ ପାଏନ୍ କମିଛେ । ଉତର୍ ଓଡ଼ିଶା ସହେତେ ବନ୍ୟା ପ୍ରଭାବିତ୍ ଇଲାକାମାନ୍‌କେ ବହୁତ୍‌ଟେ ଫସଲ୍ ନୁକ୍‌ସାନ୍ ହେବାର୍ ସହେତେ ଜନଜୀବନ୍ ଅସ୍ତବ୍ୟସ୍ତ ହେଇପଡ଼ିଛେ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପୁନଃ ଥଇଥାନ୍ ବ୍ୟବସ୍ଥା ମୁଲ୍ କରାଯାଇଛେ । କେନ୍ଦ୍ର ସର୍‌କାର୍ ସବୁ ସାହାଜ୍ ଯୁଗେଇ ଦେବେ ବଲି ଆଶ୍ୱାସନା ନେଇଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସୂଚ୍‌ନା ଅନ୍‌ସାରେ, ଇ ବଛର୍ ବନ୍ୟାଥି ଉତର୍ ଓଡ଼ିଶା ନ ଘର, ଭିତିଭୂମି ଆଉ ବହୁତ୍‌ଟେ ଫସଲ୍ ନଷ୍ଟ ହେଇଛେ । ୮ ଲାଖ୍

ନୁ ଅଏତ୍‌କା ଲୋକ୍ ବନ୍ୟା ପ୍ରଭାବିତ୍ ହେଇଛନ୍ । ବନ୍ୟା ପ୍ରଭାବିତ୍ ଜିଲ୍ଲାମାନ୍‌କେ ଚାଷ୍ ଜମିଥି ବାଲି ଚରିଯାଇଥିବାର୍ ଜନାପଡ଼ିଛେ । ଉଦ୍ଧାର୍ ଆଉ ରିଲିଫ୍ କାମ୍ ତୁର୍‌ତି ଆଉ ନିରୀକ୍ଷଣ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୪ ଝନ୍ ବରିଷ୍ଠ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ କେନ୍ଦ୍ରାପଡ଼ା ଆଉ ଜଗତ୍‌ସିଂହପୁର୍ ଜିଲ୍ଲା, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ବାଲେଶ୍ୱର୍, ଭଦ୍ରକ ଆଉ ଯାଜ୍‌ପୁର୍, ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କୁ ପୁରୀ ଆଉ ପଂଚାୟତିରାଜ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ୍ ନାୟକଙ୍କୁ ମୟୁର୍‌ଭଞ୍ଜ୍ ଆଉ କେନ୍ଦୁଝର ଜିଲ୍ଲା ନ ରିଲିଫ୍ ଆଉ ପୁନରୁଦ୍ଧାର୍ କାମ୍ ତଦାରଖ୍ ଲାଗି ଦାୟିତ୍ୱ ଦିଆଯାଇଛେ । ଅଲ୍‌ଗା ମନ୍ତ୍ରୀ ମାନେ ପ୍ରଭାରୀ ଭାବେ ନିଜର୍ ନିଜର୍ ଜିଲ୍ଲା ଗସ୍ତ କରିକରି ରିଲିଫ୍ ଆଉ ପୁନରୁଦ୍ଧାର୍ କାମ୍ ତଦାରଖ୍ କର୍‌ବେ ବଲି ଜନାପଡ଼ିଛେ ।

ବନ୍ୟା-୨ ଆର୍‌ଏନ୍‌ୟୁ/ କଟକ୍

ଇଥର ବନ୍ୟାଥ୍ର ରାଜ୍ୟର୍ ୨୨ ନୁ ଅଏତ୍କା ଜିଲ୍ଲା ପ୍ରଭାବିତ୍ ହେଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ବନ୍ୟାଥ୍ର  ବାଲେଶ୍ୱର୍, ଭଦ୍ରକ୍ ଆର୍ ଯାଜ୍‌ପୁର୍ ଜିଲ୍ଲା ଅଏତ୍କା ପ୍ରଭାବିତ୍ ହେଇଛେ । ଶ୍ରୀ ପୂଜାରୀ ସାମ୍ବାଦିକ୍‌ମାନ୍‌କୁ କହିଛନ୍, ପୁରୀ, ଜଗତ୍‌ସିଂହପୁର୍, ଖୋର୍ଦ୍ଧା ଆଉ କଟକ୍‌ର କେତେ ଇଲାକା ବନ୍ୟା ଲାଗି ପ୍ରଭାବିତ୍ ହେଇଛେ ।

ନୁକ୍‌ସାନ୍‌ର ଆକଲନ୍ ଲାଗି କୃଷି ଆଉ ରାଜସ୍ୱ ବିଭାଗ୍ ଅଧିକାରୀମାନେ କାମ୍ ମୁଲ୍ କରିଛନ୍ । ଘର୍ ଭାଙ୍ଗ୍‌ବାର୍ ରିପୋର୍ଟ ମିଲିଥିବାର୍ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ବନ୍ୟାଥ୍ର ପନିପରିବା ନୁକ୍‌ସାନ୍, ଅଙ୍ଗନୱାଡ଼ି ଆଉ ବିଦ୍ୟାଳୟ ଗୃହ କ୍ଷତି ଆକଲନ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଜଲ୍‌ସମ୍ପଦ୍ ବିଭାଗ୍‌କେ ବନ୍ୟାଥ୍ର ଭିନ୍ ଭିନ୍ ନଦୀ ନ ସୃଷ୍ଟି ହେଇଥିବା ଘାଇ ମାନ୍‌କର୍ ଯୁଦ୍ଧକାଲୀନ୍ ଭିତିଥ୍ର ତିଆରି ଲାଗି ନିର୍ଦ୍ଦେଶ୍ ଦିଆଯାଇଥିବାର୍ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ବନ୍ୟା ପ୍ରଭାବିତ୍ ଇଲାକାମାନ୍‌କେ ବିଶୋଧନ୍ କାମ୍‌କେ ଗୁରୁତ୍ୱ ଦିଆଯାଇକରି ଭିନ୍ ଭିନ୍ ବିଭାଗ୍‌କେ ଜଲ୍‌ଦି କାମ୍ ମୁଲ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ସେ ଇଲାକାମାନ୍‌କେ ଥିବା ଜଲଉତ୍ସମାନ୍‌କେ ବିଶୋଧନ୍ କର୍‌ବାର୍ ଲାଗି ପଦକ୍ଷେପ୍ ଗ୍ରହଣ୍ କରାଯାଇଛେ । ପ୍ରଭାବିତ୍

ଇଲାକା ନ ରାସ୍ତା ମରାମତି ଆଉ ବିଜ୍‌ଲି ଯୋଗାଣ୍ ସ୍ୱାଭାବିକ୍ କର୍‌ବାର୍ ଲାଗି ପଦକ୍ଷେପ୍ ନିଆୟାଉଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ବନ୍ୟା-୩ ଆର୍‌ଏନ୍‌ୟୁ/ କଟକ୍

ମହାନଦୀ କି ଅଲ୍‌ଗା ନଦୀ ମାନ୍‌କେ ବନ୍ୟା ଆଶଙ୍କା ନାଇଁନ ବଲି ଜଲ୍‌ସମ୍ପଦ୍ ବିଭାଗ୍‌ର ସର୍ବୋଚ୍ଚ ୟନ୍ତ୍ରୀ ଦିଲ୍ଲୀପ୍ ରାଉତ୍ କହିଛନ୍ । ରାଏଜେ ବନ୍ୟା ପରିସ୍ଥିତିର୍ ସମୀକ୍ଷା କରିକରି ଶ୍ରୀ ରାଉତ୍ କହିଛନ୍, ଗଲା ଜୁନ୍ ମାସେ ରାଏଜେ ସ୍ୱାଭାବିକ୍‌ଠାନୁ ୪୭ ପ୍ରତିଶତ୍ କମ୍ ବର୍ଷା ହେଇଥିଲା । ସେଆଡ଼େ, ଜୁଲାଇ ମାସେ ସ୍ୱାଭାବିକ୍ ନୁ ୩୮ ପ୍ରତିଶତ୍ ଅଏତ୍‌କା ବର୍ଷା ହେଇଛେ । କେତେ ଜାଗା ନ ଲଗାଏତ୍ ବର୍ଷା ଥି ୨ ଶହ ମିଲିମିଟର୍‌ନୁ ଅଏତ୍‌କା ବର୍ଷା ହେବାର୍ ଲାଗି ବନ୍ୟା ପରିସ୍ଥିତି ସୃଷ୍ଟି ହେଇଛେ ବଲି ଶ୍ରୀ ରାଉତ୍ କହିଛନ୍ ।

ବନ୍ୟା-୪ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ରାପଡ଼ା ଜିଲ୍ଲା ନ ୯ ଟା ବ୍ଲକ୍‌ର ୮୫ ଟା ଗ୍ରାମ୍ ପଂଚାୟତ୍‌ର ଶହେ ୭୦ ଟା ଗାଁ ଆଉ ପଟାମୁଣ୍ଡାଇ ପୌରାଂଚଲ୍‌ର ୧୧ ଟା ୱାର୍ଡ୍ ବଏଢ୍‌ଥି ପ୍ରଭାବିତ୍ ହେଇଛେ । ମୋଟ୍ ୮୮ ହଜାର୍ ୭ ଶହ ୯୩ ଝନ୍ ପ୍ରଭାବିତ୍ ହେଇଥିବାର୍ ସମୀକ୍ଷା ବୈଠକ୍‌ନୁ ଜନାପଡ଼ିଛେ । ୬ ଟା ରିଲିଫ୍ କେନ୍ଦ୍ର ନ ଲୋକ୍‌ମାନ୍‌କୁ ମାହାଲିଆ ରନ୍ଧା ଖାଏବାର୍ ଦରବ୍ ଯୁଗେଇ ଦିଆଯାଉଥିବାର୍ ଜନାପଡ଼ିଛେ ।

ବନ୍ୟା ପ୍ରଭାବିତ୍ ଇଲାକା ନ ଲୁକ୍‌କର୍ ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ସ୍ୱାସ୍ଥ୍ୟକର୍ମୀମାନ୍‌କର୍ ନିଷ୍ଠାପର୍ କାମ୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ପ୍ରଶଂସା କରିଛନ୍ । ବନ୍ୟା ସମିଆଥି ଗର୍ଭବତୀ ମହିଳା, ଶିଶୁ ଆଉ ଅସହାୟମାନ୍‌କୁ ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ କ୍ଷେତ୍ରଥି ସ୍ୱାସ୍ଥ୍ୟକର୍ମୀମାନ୍‌କର୍ କାମ୍ ଗୁରୁତ୍ୱପୂର୍ଣ୍ଣ ଆଏ ବଲି ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ରାଏଜେ ଆଏବା ୨୪ ଘଂଟା ଭିତ୍‌ରେ ଧୂକାଗର୍ଡ୍ଡି, ଚଡ଼କ୍ ମାରିପାରେ ବଲି ୨୩ ଟା ଜିଲ୍ଲା ନ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏବା ୨୪ ଘଂଟା ଭିତ୍‌ରେ

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ମଧ୍ୟମ୍ ଧରଣ୍ ବର୍ଷା ସମ୍ଭାବନା ରହିଛେ ।

ଜଳାଭିଷେକ ଆର୍‌ଏନ୍‌ୟୁ/ କଟକ୍

ଆଏବାକାଏଲ୍ ଶ୍ରାବଣ ମାସର୍ ପହେଲା ସୋମ୍‌ବାର୍ । ଇ ଅବ୍‌ସରେ ରାଜ୍ୟର୍ ଶିବମନ୍ଦିର୍ ମାନ୍‌କେ ଖାସ୍ ବ୍ୟବସ୍ଥା କରାଯାଇଛେ । ସମ୍ବଲ୍‌ପୁର୍‌ର ହୁମା, ମାନେଶ୍ୱର୍‌ର ମାନ୍‌ଧାତା ବାବା ମନ୍ଦିର୍ ସହେତେ ପଶ୍ଚିମ ଓଡ଼ିଶାର୍ ଅଷ୍ଟଶମ୍ଭୁ ପୀଠମାନ୍‌କେ ଭିଡ୍‌କେ ନଜର୍‌ଥି ରଖିକରି ପ୍ରଶାସନ୍ ତର୍‌ଫୁ ବ୍ୟବସ୍ଥା କରାଯାଇଛେ । କଟକ୍ ଗଡ଼ଗଡ଼ିଆ ଘାଟେ ପାଏନ୍ ଢାଲ୍‌ବାର୍ ଲାଗି କାଉଡ଼ିଆମାନ୍‌କର୍ ଭିଡ୍ ଦେଖିବାର୍‌କେ ମିଲିଛେ । ଭୁବ୍‌ନେଶ୍ୱର୍ ଲିଙ୍ଗରାଜ୍ ମନ୍ଦିର୍, ଭଦ୍ରକ୍ ଆଖଣ୍ଡଳମଣି, ନୟାଗଡ଼୍ ଲଡ୍ଡୁବାବା, ଢେଙ୍କାନାଲ୍‌ର କପିଳାସ, କଟକ୍‌ର ବାବା ଧବଳେଶ୍ୱର, ପୁରୀ ଲୋକ୍‌ନାଥ୍ ମନ୍ଦିର୍, ବାଲେଶ୍ୱର୍‌ର ବାବା ପଂଚମହାଲିଙ୍ଗେଶ୍ୱର, କୋରାପୁଟ୍‌ର ଗୁପ୍ତେଶ୍ୱର୍ ମନ୍ଦିର୍ ସହେତେ ରାଜ୍ୟର୍ ସବୁ

ମହାଦେବ୍ ଗୁଡ଼ି ମାନ୍‌କେ ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ ।